# ଭାରତ : ବିଶ୍ୱ ସ୍ତନ୍ୟପାନ ସପ୍ତାହ (1-7 ଅଗଷ୍ଟ 2014)

# ସ୍ତନ୍ୟପାନ:

## ଜୀବନ ପାଇଁ

## *ଏକ ବିଜୟୀ ଲକ୍ଷ୍ୟ !*

BREASTFEEDING: A WINNING GOAL for Life!

ସଂଯୁକ୍ତ ରାଷ୍ଟ୍ରର ସହସ୍ରାବ୍ଦୀ ଶିଖର ସମ୍ମିଳନୀ ପରେ ସଂଯୁକ୍ତ ରାଷ୍ଟ ସମୂହ ଓ ସରକାର **2000** ମସିହାରେ ବିକାଶର ଲକ୍ଷ୍ୟ ସ୍ଥିର କରିଥିଲେ । ସେ ସମୟର ସଂଯୁକ୍ତ ରାଷ୍ଟ୍ରର ସମସ୍ତ **189** ସଦସ୍ୟ ଦେଶ (ବର୍ତ୍ତମାନ ସଂଯୁକ୍ତ ରାଷ୍ଟ୍ରର ସଦସ୍ୟ **193**) ଏବଂ **23**ଟି ଅନ୍ତରାଷ୍ଟ୍ରୀୟ ସଂଗଠନ **2015** ମଧ୍ୟରେ ଏ ସହସ୍ରାବ୍ଦୀର ବିକାଶ ଲକ୍ଷ୍ୟ ପୂରଣ ପାଇଁ ଯଥା ସମ୍ଭବ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ, ଯେପରି **2015** ସୁଦ୍ଧା ବହୁଳ ଭାବେ ଦାରିଦ୍ର୍ୟତା ଦୂର ହୋଇ ପାରିବ ଏବଂ ସୁସ୍ଥ ତଥା ଦୀର୍ଘସ୍ଥାୟୀ ବିକାଶ ହୋଇପାରିବ ।

ଏ ବର୍ଷ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତ୍ତା ରେ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ପୂରଣ ପାଇଁ ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଏବଂ ସମର୍ଥନ କୁ ବଢାଇବା ତଥା ସ୍ଥାୟୀ କରିବା ଏବଂ **2015** ପରେ ମଧ ସ୍ଥାୟୀ ବିକାଶ ଲକ୍ଷ୍ୟର ବିଷୟ ସୂଚୀରେ ଶିଶୁମାନଙ୍କର ଜୀବନରକ୍ଷା ଏବଂ ପୁଷ୍ଟିସାଧନରେ ଉନ୍ନତି ଅଣିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଏହି **2014** ହେଉଛି 'ଫୁଟବଲ ୱାର୍ଲଡ୍ କପ୍'ର ବର୍ଷ । ଉତ୍ତମ ସ୍ୱାସ୍ଥ୍ୟ ଏବଂ ଉତ୍ତମ ପୁଷ୍ଟିସାଧନ- ଉଭୟଖେଳ ପାଇଁ ମହତ୍ତ୍ୱପୂର୍ଣ୍ଣ । ଯଦି କୌଣସି ରାଷ୍ଟ୍ର ସ୍ତନ୍ୟପାନକୁ ମୁଖ୍ୟ ମାଧମ ଭାବେ ପ୍ରୟୋଗ କରି ସହସ୍ରାବ୍ଦୀ ବିକାଶର ଲକ୍ଷ୍ୟ ହାସଲ କରିବାରେ ସର୍ବୋତ୍ତମ ସଫଳତା ଲାଭ କରି ପାରିବେ, ତେବେ ଏହା ଏକ ସୁସ୍ଥ ଭବିଷ୍ୟତ ନିର୍ମାଣର ସଂକେତ ବହନ କରିବ ।

ବିଶ୍ୱସ୍ତନ୍ୟପାନ ସପ୍ତାହ-2014 ର ଉଦ୍ଦେଶ୍ୟ

1. ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ସହ ସ୍ତନ୍ୟପାନ ତଥା ଶିଶୁ ଓ ଛୋଟ ପିଲାମାନଙ୍କ ଖାଦ୍ୟର ସମ୍ପର୍କ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ।
2. ଏ ସମ୍ପର୍କରେ ଭାରତରେ ବର୍ତ୍ତମାନ ସୁଦ୍ଧା ହୋଇଥିବା ପ୍ରଗତି ଏବଂ ସ୍ତନ୍ୟପାନ ତଥା IYCF ର ଅଗ୍ରଗତିରେ ମୁଖ୍ୟ ପ୍ରତିବନ୍ଧକ ଗୁଡିକୁ ଦର୍ଶାଇବା ।
3. ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ଏବଂ 2015 ପରେ ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ତଥା ସମର୍ଥନକୁ ପରବର୍ତ୍ତୀ ପଦକ୍ଷେପ ଭାବେ ଗ୍ରହଣ କରିବା ।
4. ଆଧୁନିକ ଯୁଗରେ ସ୍ତନ୍ୟପାନର ପ୍ରାସଙ୍ଗିକତା ବିଷୟରେ ଉଭୟ ଯୁବକ ଏବଂ ଯୁବତୀ ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଇବା

bpni
putting child nutrition at the forefront of social change

IBFAN
defending breastfeeding

WORLD BREASTFEEDING WEEK 1-7 AUGUST

# ସ୍ତନ୍ୟପାନ ଏବଂ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ମଧ୍ୟରେ କି ସମ୍ପର୍କ ?



ଯଦିଓ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ହାସଲରେ ଯଥେଷ୍ଟ ପ୍ରଗତି ହୋଇଛି, ତଥାପି ଏ ବିଷୟରେ ବହୁତ କିଛି କରିବାକୁ ବାକି ରହିଯାଇଛି । ବିଶ୍ୱର ଏକ ଚତୁର୍ଥାଂଶ ଶିଶୁ ବର୍ତ୍ତମାନ ସୁଦ୍ଧା କୁପୋଷଣର କବଳରେ ଅଛନ୍ତି । ତାହାର 40% କେବଳ ଭାରତରେ ଅଛନ୍ତି । ଶିଶୁ ମୃତ୍ୟୁର ମୁଖ୍ୟ କାରଣ ହେଉଛି ନବ ଜାତ ଶିଶୁମାନଙ୍କୁ ରୋଗ ସଂକ୍ରମଣ, ଡ଼ାଇରିଆ ଏବଂ ନିମୋନିଆ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରେ ଆକଳନ କରାଯାଇଛି ଯେ ଜୀବନର ପ୍ରଥମ ଛଅ ମାସ ମଧ୍ୟରେ ତ୍ରୁଟି ପୂର୍ଣ୍ଣ ପ୍ରଣାଳୀରେ ଖାଦ୍ୟ ଖୁଆଇବା ଯୋଗୁଁ ନିମୋନିଆରେ 53% ଏବଂ ଡ଼ାଇରିଆରେ 55% ଶିଶୁଙ୍କର ମୃତ୍ୟୁ ହେଉଛି ।

ଭାରତରେ ଶିଶୁମାନଙ୍କର ଲାଳନ ପାଳନର ବିଧି ଅତ୍ୟନ୍ତ ନୈରାଶଜନକ ଏବଂ ସେଥିରେ ସନ୍ତୋଷଜନକ ଅଗ୍ରଗତି ହୋଇ ପାରୁନାହିଁ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେ କ୍ଷଣ (NFHS) -3 ରରିପୋର୍ଟ ଅନୁଯାୟୀ ମାତ୍ର 24.5% ଶିଶୁ ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରିଥାନ୍ତି । ଛଅ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଖୁଆଇବା ହାର ମାତ୍ର 46.4% ଏବଂ 6 ମାସରୁ 9ମାସ ପର୍ଯ୍ୟନ୍ତ ମା' କ୍ଷୀର ସହ ଅନୁପୂରକ ଖାଦ୍ୟ ଖାଉଥିବା ଶିଶୁ ସଂଖ୍ୟା 55.8%.

ଏକ ସ୍ଥାୟୀ ପ୍ରଣାଳୀରେ ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଏବଂ ସହଯୋଗ କରାଇ ପାରିଲେ ହିଁ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ହାସଲରେ ସଫଳତା ମିଳିପାରିବ । ଶିଶୁ ଜନ୍ମପରେ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ କରାଇବା, 6 ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବା ଏବଂ 6 ମାସ ପୂରିଲା ପରେ ଯଥେଷ୍ଟ ମାତ୍ରାରେ ଅନୁପୂରକ ଖାଦ୍ୟ ଖୁଆଇବା ସହିତ 2ବର୍ଷ ବା ତଦୁର୍ଦ୍ଧ ସ୍ତନ୍ୟପାନ ଜାରୀ ରଖି ପାରିବା ହିଁ ଶିଶୁ ମାନଙ୍କର ବିକାଶର ମୁଖ୍ୟ ପଦକ୍ଷେପ । ଏହା ଦ୍ୱାରା 5ବର୍ଷରୁ କମ୍ ଶିଶୁମାନଙ୍କ ଜୀବନ ଯଥେଷ୍ଟ ମାତ୍ରାରେ ରକ୍ଷା କରାଯାଇ ପାରିବ ।

## ସ୍ତନ୍ୟପାନ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ପୂରଣରେ କିପରି ସାହାଯ୍ୟ କରେ ?

### GOAL 1 — ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧା ନିବାରଣ

୬ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଏବଂ 2ବର୍ଷ ବା ତଦୁର୍ଦ୍ଧ ସ୍ତନ୍ୟପାନ ଜାରୀରଖି ପାରିଲେ ଶିଶୁ ଉଚ୍ଚମାନର ଶକ୍ତି ଏବଂ ପୋଷକ ତତ୍ତ୍ୱ ପାଇଥାଏ । ଏହା କ୍ଷୁଧା ନିବାରଣ ଏବଂ କୁପୋଷରଣରୁ ରକ୍ଷା ପାଇବାରେ ସାହାଯ୍ୟ କରିଥାଏ । କୃତ୍ରିମ ଖାଦ୍ୟ ଖୁଆଇବା ତୁଳନାରେ ଶିଶୁମାନଙ୍କ ପାଇଁ ମା'କ୍ଷୀର ହିଁ ପ୍ରକୃତିର ଦାନ ଏବଂ ଏହା ସହଜରେ ଉପଲବ୍ଧ ।

### GOAL 2 — ସାର୍ବଜନୀନ ପ୍ରାଥମିକ ଶିକ୍ଷା ପ୍ରଦାନ

ସ୍ତନ୍ୟପାନ ଏବଂ ଯଥେଷ୍ଟ ମାତ୍ରାରେ ଅ୍ନୁପୂରକ ଖାଦ୍ୟ ହିଁ ମାନସିକ ବିକାଶର ମୂଳ ଆଧାର । ସ୍ତନ୍ୟପାନ ଏବଂ ପୁଷ୍ଟିକର ଅନୁପୂରକ ଖାଦ୍ୟ ମାନସିକ ବିକାଶରେ ସାହାଯ୍ୟ କରିବା ସହିତ ଶିକ୍ଷା ଗ୍ରହଣ କରିବାର ଇଚ୍ଛାକୁ ବଢାଇଥାଏ ।

### GOAL 3 — ଲିଙ୍ଗଗତ ସମାନତା ସୁନିଶ୍ଚିତ କରିବା ଏବଂ ମହିଳା ସଶକ୍ତି କରଣ କରାଇବା ।

ସ୍ତନ୍ୟପାନ ହିଁ ଏକ ବଡ଼ ସମୀକରଣର ପ୍ରଣାଳୀ ଅଟେ, ଯାହା ପ୍ରତ୍ୟେକ ଶିଶୁକୁ ଏକ ନିରପେକ୍ଷ ଏବଂ ଉଚ୍ଚମାନର ଜୀବନ ଆରମ୍ଭ କରିବାରେ ସହାୟକ ହୋଇଥାଏ । ମାତ୍ର କେତେକ କ୍ଷେତ୍ରରେ କନ୍ୟା ଶିଶୁକୁ ସ୍ତନ୍ୟପାନ ତଥା ଉପଯୁକ୍ତ ଅନୁପୂରକ ଖାଦ୍ୟରୁ ବଞ୍ଚିତ କରାଯାଇଥାଏ । କାରଣ ଲିଙ୍ଗଗତ ତାରତମ୍ୟ ଖାଦ୍ୟରୁ ହିଁ ଆରମ୍ଭ ହୋଇଥାଏ । ସ୍ତନ୍ୟପାନ କରାଇବା ଏବଂ କରିବା ଉଭୟ ମାଆ ଏବଂ କନ୍ୟା ଶିଶୁର ଅଧିକାର । ତେଣୁ ସରକାର ଏବଂ ସମାଜକୁ ଏ ଦିଗରେ ଯଥେଷ୍ଟ ସମର୍ଥନ କରିବା ଦରକାର ।

### GOAL 4 — ଶିଶୁ ମୃତ୍ୟୁହାର କମାଇବା

ବିଭିନ୍ନ ପରୀକ୍ଷଣରୁ ଦେଖାଯାଇଛି ଯେ 1 ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇଲେ ରୋଗ ସଂକ୍ରମଣ ଜନିତ ନବଜାତ ଶିଶୁମୃତ୍ୟୁର ସମ୍ଭାବନାକୁ କମାଇ ଦିଆଯାଇ ପାରିବ । ପୁନଶ୍ଚ 6 ମାସ କେବଳ ମା' କ୍ଷୀର ଦେଲେ ଡ଼ାଇରିଆ, ନିମୋନିଆ ପରି ଘାତକ ରୋଗରୁ ରକ୍ଷା କରିବା ସହିତ ଶିଶୁ ମୃତ୍ୟୁହାର କମ୍ ହୋଇଥାଏ । ମାଆ ଏବଂ ଶିଶୁ କୁପୋଷଣ ସମ୍ବନ୍ଧରେ ଲାନ୍‌ସେଟ୍ – 2008 ରେ ନବଜାତ ଶିଶୁର ଜୀବନ ଏବଂ ବିକାଶ ପାଇଁ ପ୍ରଥମ 6 ମାସ କେବଳ ମାତୃ ସ୍ତନ୍ୟପାନର ଭୂମିକା ବିଷୟରେ ସ୍ୱଷ୍ଟ ଉଲ୍ଲେଖ କରାଯାଇଛି ।

### GOAL 5 — ମାତୃ ସ୍ୱାସ୍ଥ୍ୟର ଉନ୍ନତି କରଣ

ଶିଶୁ ଜନ୍ମପରେ ତୁରନ୍ତ ସ୍ତନ୍ୟପାନ କରାଇଲେ ମାଆର ପ୍ରସବ ପରବର୍ତ୍ତୀ ରକ୍ତସ୍ରାବ କମିଥାଏ । ସ୍ତନ କର୍କଟ, ଡ଼ିମ୍ବାଶୟ କର୍କଟ, ଗର୍ଭାଶୟ କର୍କଟ ରୋଗ କମ ହୁଏ ଏବଂ ରଜୋନବୃତି ପରେ ହାଡ଼ ଦୁର୍ବଳ ହେବାର ସମ୍ଭାବନାକୁ କମାଇଥାଏ । ସ୍ତନ୍ୟପାନ ଗର୍ଭନିରୋଧକ ଭାବେ କାମ କରେ ଏବଂ ସନ୍ତାନ ଜନ୍ମ ମଧ୍ୟରେ ବ୍ୟବଧାନ ସୃଷ୍ଟି କରିଥାଏ ।

### GOAL 6 — ଏଚ୍ ଆଇ ଭି/ଏଡ଼ସ୍, ମ୍ୟାଲେରିଆ ଇତ୍ୟାଦି ରୋଗର ପ୍ରତିରୋଧ

କେବଳ ସ୍ତନ୍ୟପାନ କରାଇବା ସହ ମାଆକୁ ଆଣ୍ଟିରେଟ୍ରୋଭାଇରାଲ ଥେରାପି ଦିଆଗଲେ ଏଚ.ଆଇ.ଭି ସଂକ୍ରମରର ସମ୍ଭାବନା କମ ହୋଇଥାଏ ।

### GOAL 7 — ପରିବେଶର ସ୍ଥାୟୀ ସୁରକ୍ଷା

ସ୍ତନ୍ୟପାନ କରାଇବା ଦ୍ୱାରା ବାତାବରଣ କୁ ଅଙ୍ଗାରକାମ୍ଳ ବାଷ୍ପ, ପ୍ଲାଷ୍ଟିକ, ଆଲୁମିନିୟମ, ପାଉଁଶ, ଧୂଆଁ ଇତ୍ୟାଦିରୁ ରକ୍ଷା ମିଳିଥାଏ ।

### GOAL 8 — ବିକାଶ ପାଇଁ ଏକ ବିଶ୍ୱସ୍ତରୀୟ ଭାଗୀଦାରିତା ବୃଦ୍ଧି କରାଇବା

ବିଶ୍ୱସ୍ତରରେ ଶିଶୁ ଏବଂ ଛୋଟ ପିଲାମାନଙ୍କର ଖାଦ୍ୟ ସମ୍ବନ୍ଧୀୟ ନୀତି ବହୁସ୍ତରୀୟ ସହଯୋଗିତାକୁ ପ୍ରୋତ୍ସାହିତ କରେ ଏବଂ ତାହା ସହିତ ବିଭିନ୍ନ ଅଂଶୀଦାର ମାନଙ୍କୁ ସୃଷ୍ଟି କରେ । ବେସରକାରୀ ସଂସ୍ଥାମାନେ ଶିଶୁ ଖାଦ୍ୟ ପସ୍ତୁତି, ବିକ୍ରୟ ଏବଂ ବିତରଣ କରିବା ପାଇଁ ଅନ୍ତରାଷ୍ଟ୍ରୀୟ ନିୟମ କାନୁନ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଧାରାର ପାରା -44 କୁ ମାନିବା ପାଇଁ ବାଧ ହୋଇଥାନ୍ତି ।

# ଭାରତରେ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ 1, 4 ଏବଂ 5 ର ସ୍ଥିତି

**ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧା ନିବାରଣ**




ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଭାରତର 2013 ରିପୋର୍ଟ ଦର୍ଶାଉଛି ଯେ କମ ଓଜନ ଥବା ଶିଶୁମାନଙ୍କ ସଂଖ୍ୟାରେ 3% ହ୍ରାସ ହୋଇଛି । 1998-99ରେ 43% ଥିଲାବେଳେ 2005-06 ରେ ଏହା ହ୍ରାସ ହୋଇ 40% ହୋଇଛି ।

1990 ମସିହାର ବିବରଣୀକୁ ଆଧାର କରି 2000–2015 ମଧ୍ୟରେ ଭାରତରେ କ୍ଷୁଧାରେ ପୀଡ଼ିତ ବ୍ୟକ୍ତିଙ୍କ ସଂଖ୍ୟାକୁ ଅଧା କରିବାର ଥିଲା । 2015 ସୁଦ୍ଧା ଧାର୍ଯ୍ୟମାନ 26% ସ୍ଥିର କରାଯାଇ ଥିବା ସ୍ଥଳେ ଏହା 33% କୁ କମିବାର ଆଶା କରାଯାଇଛି ।

କିନ୍ତୁ ଉପରୋକ୍ତ ରିପୋର୍ଟ ଅନୁସାରେ 2000-2015 ମଧ୍ୟରେ ଯେଉଁ ମାନଙ୍କର ଦୈନିକ ଆୟ 1 ଡ଼ଲାରରୁ କମ୍, ସେମାନଙ୍କ ସଂଖ୍ୟା ହ୍ରାସ କରାଇବା ନିମନ୍ତେ ଭାରତ ସହସ୍ରାବ୍ଦୀ ଲକ୍ଷ୍ୟ ପଥରେ ଅଛି । ଭାରତ ଏହି ବ୍ୟକ୍ତିମାନଙ୍କର ଅନୁପାତକୁ 23.9% ପର୍ଯ୍ୟନ୍ତ ହ୍ରାସ କରିସାରିଛି ଏବଂ 2015 ମସିହା ବେଳକୁ ଏହା 20.7% ରେ ପହଞ୍ଚି ପାରିବ ।

**୪. ଶିଶୁ ମୃତ୍ୟୁହାର କମାଇବା**




2015 ସୁଦ୍ଧା ଶିଶୁ ମୃତ୍ୟୁ ହାରକୁ 1990 ମସିହାରେ ଥିବା ସ୍ତରର ଦୁଇ ତୃତୀୟାଂଶକୁ ହ୍ରାସ କରିବା ଲକ୍ଷ୍ୟ ଥିଲା । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-3 (NFHS-3) ଅନୁଯାୟୀ 2005-06 ରେ ଭାରତରେ 5ବର୍ଷରୁ କମ୍ ବୟସ ଶିଶୁ ମୃତ୍ୟୁହାର 74 (ପ୍ରତି ଏକ ହଜାର ଜୀବିତ ଜାତ ଶିଶୁ ମଧ୍ୟରୁ) ଥିଲା । 2015 ସୁଦ୍ଧା ଏହାକୁ 42ରେ ପହଞ୍ଚାଇବାର ଲକ୍ଷ୍ୟ ଅଛି । କିନ୍ତୁ ଏହା 50 ପର୍ଯ୍ୟନ୍ତ କମିବାର ସମ୍ଭାବନା ଦେଖାଉଛନ୍ତି ଅର୍ଥାତ୍ ଲକ୍ଷ୍ୟରୁ ୮ ଅଙ୍କ କମ ରହିବ ।

**୫. ମାତୃ ସ୍ୱାସ୍ଥ୍ୟର ଉନ୍ନତି କରଣ**




ଲକ୍ଷ୍ୟ ଥିଲା, ମାତୃ ମୃତ୍ୟୁହାର 2000-2015 ମଧ୍ୟରେ ତିନି ଚତୁର୍ଥାଂଶକୁ କମାଇବା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସେବାକୁ ସାର୍ବଜନୀନ ସ୍ତରରେ ପହଞ୍ଚାଇବା । 2015 ସୁଦ୍ଧା ମାତୃମୃତ୍ୟୁହାର (MMR) କୁ ଭାରତରେ ପ୍ରତି 10000 ଜୀବିତ ଜାତ ଶିଶୁରେ 139 ପର୍ଯ୍ୟନ୍ତ ପହଞ୍ଚାଇବାର ସମ୍ଭାବନା ଅଛି ଯେଉଁଠି ଲକ୍ଷ୍ୟଥିଲା 109 । ତାଲିମପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରସବ କରାଇବା ସଂଖ୍ୟାରେ ବୃଦ୍ଧି ହେବା ସତ୍ତ୍ୱେ, ବର୍ତ୍ତମାନ ଯେଉଳି ଚାଲିଛି, 2015 ପର୍ଯ୍ୟନ୍ତ ସଫଳତା ମାତ୍ର 62%ରେ ରହିବାର ସମ୍ଭାବନା ରହୁଛି । ଏହା ସାର୍ବଜନୀନ ସ୍ତରରେ ପହଞ୍ଚାଇବା ଧାର୍ଯ୍ୟ ଲକ୍ଷ୍ୟର ବହୁତ ପଛରେ ।



# ଶିଶୁ ଏବଂ ଛୋଟ ପିଲାମାନଙ୍କର ଖାଦ୍ୟ (IYCF) ନୀତି ଏବଂ କାର୍ଯ୍ୟ କ୍ରମରେ ଭାରତ କେଉଁ ସ୍ଥିତିରେ ଅଛି ?

ବିଶ୍ୱ ସ୍ତନ୍ୟପାନ ଗତିର ଆଦ୍ୟ ଅନୁଷ୍ଠାନ (WBTI) ଦକ୍ଷିଣ ଏସିଆ ରିପୋର୍ଟର ଶୀର୍ଷକ "ଆମେ ଆମ ଶିଶୁମାନଙ୍କ ପାଇଁ ଯଥେଷ୍ଟ କରୁଛୁ କି?" ଏହି ରିପୋର୍ଟ ଅନୁସାରେ ଭାରତ ତିନୋଟି ସମୀକ୍ଷା କରିସାରିଛି, ଯାହା 2005, 2008 ଏବଂ 2012 ରେ ହୋଇଥିଲା । ଏହାକୁ ବିଶ୍ଳେଷଣ କଲାପରେ ଦେଖାଯାଉଛି ଯେ ଭାରତର ସ୍ଥିତି ଯେପରି ଅଟକି ଯାଇଛି । ଏତେ ବର୍ଷ ଭିତରେ କାର୍ଯ୍ୟକ୍ରମରେ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଦିଆଯାଇ ନାହିଁ । ପ୍ରଥମ ଚିତ୍ରରେ ଭାରତର (IYCF) ନୀତି ଏବଂ କାର୍ଯ୍ୟକ୍ରମର ସ୍ଥିତି ଦର୍ଶାଯାଇଛି । ଲାଲ, ହଳଦୀଆ ଏବଂ ନୀଳରୁ ସବୁଜ ରଙ୍ଗ ପର୍ଯ୍ୟନ୍ତ (କଲର ବାରରେ) ଭାରତର ସ୍କୋରର କ୍ରମାନୁସାରେ ଅଗ୍ରଗତିର ଚିତ୍ରକୁ ପ୍ରତିଫଳିତ କରିଛି । ଏଥିରେ 10ଟି କାର୍ଯ୍ୟକ୍ରମର ସ୍କୋର ଦେଖାଯାଇଛି । ମୋଟାମୋଟି ଭାବେ ଭାରତର ସ୍କୋର 100 ରୁ 43.5 ଯାହା 2005 ରେ 40% ଥିଲା ।

10 ଟି ସଂକେତ ମଧ୍ୟରୁ 4ଟି ଭାରତ ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତନ୍ମଧ୍ୟରୁ ମୁଖ୍ୟ ହେଉଛି ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଏବଂ ସମର୍ଥନ । ପ୍ରଥମରେ ରାଷ୍ଟ୍ରୀୟ ନୀତି, କାର୍ଯ୍ୟକ୍ରମ ଏବଂ ସମନ୍ୱୟର 3 ଟି ଯାକ ଆକଳନରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । କାରଣ ଭାରତ IYCF ର ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିନାହିଁ ବା ସେଥିପାଇଁ କୌଣସି ବଜେଟର ବନ୍ଦୋବସ୍ତ କରିନାହିଁ । ଏ ବିଷୟରେ ଜାତୀୟସ୍ତରରେ ଥିବା ସମନ୍ୱୟନ କାର୍ଯ୍ୟକ୍ରମ ମଧ୍ୟ ସଫଳ ହୋଇନାହିଁ ।

2ୟ ରେ ଶିଶୁ ହିତୈଷୀ ହସ୍ପିଟାଲ କରିବାର ଉଦ୍ୟମରେ ମଧ୍ୟ ଅବନତି ଘଟିଛି । ଆରମ୍ଭରେ ଯେଉଁ ସଫଳତା ମିଳିଥିଲା, ତାହା ପୁରାପୁରି ମନରୁ ହଜି ଯାଇଛି । ସେହି ପ୍ରଥମ ଆକଳନ ପରଠାରୁ ଆଉ କୌଣସି ନୂତନ କାର୍ଯ୍ୟକ୍ରମ କରାଯାଇନାହିଁ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏ ବିଷୟରେ ଧ୍ୟାନ ଦେବା ଦରକାର ।

3ୟ ରେ ଅନ୍ତରାଷ୍ଟ୍ରୀୟ ଆଚରଣ ବିଧି କାର୍ଯ୍ୟକାରୀ କରିବାରେ ଦେଶ ଭଲ ସ୍କୋର ପାଇଛି । ସମସ୍ତ ଆଚରଣ ବିଧିକୁ ଦେଶ ଆଇନରେ ପରିଣତ କରିଛି ।

ଶିଶୁକ୍ଷୀର ବିକଳ୍ପ, ଖାଇବା ବୋତଲ ଏବଂ ଶିଶୁଖାଦ୍ୟ ଉତ୍ପାଦନ, ଯୋଗାଣ ଓ ବିତରଣ ଆଇନ 1992 (ଯାହା ସାଧାରଣରେ IMS Act ଭାବେ ପରିଚିତ) ଦେଶରେ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉନାହିଁ । ଶିଶୁ ଖାଦ୍ୟ ପ୍ରସ୍ତୁତ କାରୀ କମ୍ପାନୀମାନେ IMS Act କୁ ଉଲଙ୍ଘନ କରି ଆସୁଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ସରକାର କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ମାତ୍ର ଶିଶୁ ଖାଦ୍ୟା ବିଷୟରେ ଗଣମାଧ୍ୟମରେ ପ୍ରଚାର ପ୍ରସାରକୁ ନିୟନ୍ତ୍ରଣ କରାଯାଇ ପାରିଛି । ଏହା ବ୍ୟତୀତ ଭାରତର ସ୍କୋର ବର୍ତ୍ତମାନ ସୁଦ୍ଧା 8 ଅଛି । ତେଣୁ ଏହି ଆଇନକୁ ବର୍ତ୍ତମାନ କଡାକଡି ଭାବେ ପାଳନ କରିବାର ଆବଶ୍ୟକତା ରହିଛି ।

Fig 2: Comparative scores of IYCF practice indicators for India (2005, 2008 and 2012)




Fig 1: India's Score for Indicators on Policy and Programme on a scale of ten (2005, 2008 and 2012)



4ର୍ଥ ରେ ସିଭିଲି ସୋସାଇଟ ଦ୍ୱାରା WBTI ର ଆକଳନ କୁ ସଫଳତାର ସହ ପ୍ରୟୋଗ କରିବା ଦ୍ୱାରା ମାତୃତ୍ୱ ସୁରକ୍ଷା ଦିଗରେ କଛିଟା ଉନ୍ନତି ହୋଇଛି । ମହିଳା ସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରସବ କାଳୀନ ଛୁଟିକୁ ବଢାଇ ଦିଆଯାଉଛି ।

ଆପାତକାଳୀନ ସ୍ଥିତିରେ ଶିଶୁ ମାନଙ୍କ ଖାଦ୍ୟ ଓ ପୁଷ୍ଟି କଥା ବିଚାରକୁ ନେଲେ ଦେଖିବାକୁ ମିଳେ ଯେ ଏ ବିଷୟରେ କୌଣସି ପଦକ୍ଷେପ ନିଆଯାଇ ନାହିଁ, ଯାହା ଅତ୍ୟନ୍ତ ଆବଶ୍ୟକ ।

ଅନ୍ୟ ସମସ୍ତ ସଂକେତ ବିଷୟରେ ଆଗକୁ କୌଣସି ପ୍ରଗତି ହୋଇନାହିଁ । IYCF ର ନୀତି ଏବଂ କାର୍ଯ୍ୟକ୍ରମର ସ୍କୋର ଅଚଳ ଅବସ୍ଥାରେ ରହିଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ ଏହି ସଂକେତକୁ ଆଗେଇ ନେବାକୁ ହେଲେ ଏ ବିଷୟରେ ଦେଶକୁ ପୁଞ୍ଜିନିବେଶ କରିବାକୁ ପଡିବ ।

ଭାରତ କେବଳ ଗୋଟିଏ ସଂକେତରେ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇ ମହତ୍ୱପୂର୍ଣ୍ଣ ପ୍ରଗତି କରିଛି । ଏହି ସଂକେତ ହେଉଛି – ଜନ୍ମ ହେବାର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରାଇବା, ଯାହା 2005 ରେ 15.8% ରୁ ବଢି 2012 ରେ 40.5% ହୋଇଛି । କଲର ରେଟିଙ୍ଗରେ ଲାଲରୁ ଯାଇ ହଳଦିଆରେ ପହଞ୍ଚିଛି । ଅନ୍ୟାନ୍ୟ ସମସ୍ତ ସଂକେତରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଏହାର ଅର୍ଥ ନୀତି ଏବଂ କାର୍ଯ୍ୟକାରୀତା ପାଇଁ ଯୁଦ୍ଧ କାଳୀନ ଭିତ୍ତିରେ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଆବଶ୍ୟକ ।


BABIES NEED
MOM-MADE
NOT MAN-MADE!
ବିଶ୍ୱ ସ୍ତନ୍ୟପାନ ସପ୍ତାହ
(1-7 ଅଗଷ୍ଟ 2014)
ସ୍ତନ୍ୟପାନ:
ଜୀବନ ପାଇଁ ଏକ ବିଜୟୀ ଲକ୍ଷ୍ୟ !
Cut and use

## ଆପଣ କ'ଣ କରିପାରିବେ ?

୧. ମହିଳାମାନେ ପରିବାର, କାର୍ଯ୍ୟାଳୟ, ସାର୍ବଜନୀନ ସ୍ଥାନ ଏବଂ ହସ୍‌ପିଟାଲରେ ଯେପରି ସହଜରେ ସେମାନଙ୍କ ଶିଶୁମାନଙ୍କୁ ସ୍ତନ୍ୟପାନ କରାଇ ପାରିବେ, ସେହିଭଳି ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ଆପଣ ସ୍ଥାନୀୟ ବିଧାୟକ, ଜିଲା ମାଜିଷ୍ଟ୍ରେଟ୍, ରାଜ୍ୟ ମୁଖ୍ୟ ମନ୍ତ୍ରୀଙ୍କୁ ଅନୁରୋଧ କରି ଦରଖାସ୍ତ କରିପାରିବେ, ଏବଂ ନିଜ ଅଞ୍ଚଳରେ IMS Act ଜରିଆରେ ଶିଶୁଖାଦ୍ୟ ବ୍ୟବସାୟୀଙ୍କ ପ୍ରଭାବରୁ ମହିଳାମାନଙ୍କୁ ରକ୍ଷା କରି ପାରିବା ।

୨. ଆପଣଙ୍କ ନିକଟସ୍ଥ ହସ୍‌ପିଟାଲରେ ଶୀଘ୍ର ଏକ ସର୍ଭେ କରି, ହସ୍‌ପିଟାଲରେ ପ୍ରସବ ହେଉଥିବା ସ୍ଥିତି ଏବଂ ଶୀଘ୍ର (1 ଘଣ୍ଟା ଭିତରେ) ସ୍ତନ୍ୟପାନ ଆରମ୍ଭ କରାଯାଉଥିବା ହାର ଅନୁଧ୍ୟାନ କରି, ପରିସଂଖ୍ୟାନକୁ ବିଶ୍ଳେଷଣ କରନ୍ତୁ । ଏକ ରିପୋର୍ଟ କାର୍ଡ଼ ତିଆରି କରି, ହସ୍‌ପିଟାଲ ମଧ୍ୟରେ ମହିଳାମାନଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ଏକ ନୀତି ନିର୍ଦ୍ଧାରଣ କରିବା ପାଇଁ ହସ୍‌ପିଟାଲର ସିଭିଲ ସର୍ଜନ (ମୁଖ୍ୟ) ଙ୍କ ନିକଟରେ ଦାବୀ ଉପସ୍ଥାପନ କରି ପାରିବା ।

୩. ପୁଷ୍ଟିହୀନତା ଦୂର କରିବା ପାଇଁ ସ୍ତନ୍ୟପାନର ଗୁରୁତ୍ୱ ବିଷୟରେ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ IYCF ପ୍ରଶିକ୍ଷିତ କାର୍ଯ୍ୟକର୍ତ୍ତା, ମହିଳା ମଣ୍ଡଳ, ଆଗ୍ରହୀ ଯୁବନେତା ମାନଙ୍କୁ ନେଇ ମାଇକ ର୍‍ୟାଲି, ପଥପ୍ରାନ୍ତ ନାଟକ ଇତ୍ୟାଦି ଆୟୋଜନ କରି ପାରିବା ।

୪. ସ୍କୁଲ ଏବଂ କଲେଜ କୁ ଭାଗୀଦାର କରି ସେଠାରେ ସ୍ତନ୍ୟପାନ ଏବଂ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ବିଷୟରେ ଡ୍ରଇଁ, ଚିତ୍ରାଙ୍କନ, ବକ୍ତୃତା, କୋରିଓଗ୍ରାଫୀ ଇତ୍ୟାଦି ପ୍ରତିଯୋଗିତାର ଆୟୋଜନ କରି ପାରିବା ।

୫. ସ୍ତନ୍ୟପାନର ଗୁରୁତ୍ୱକୁ ଚିତ୍ରଣ କରିବା ପାଇଁ ଯୁବଗୋଷ୍ଠୀମାନେ ସାର୍ବଜନୀନ ସ୍ଥାନରେ ଫ୍ଲେସ୍ ମୋବ୍/ନୃତ୍ୟ ନାଟିକାର ଆୟୋଜନ କରିପାରିବେ ଏବଂ ସୋସିଆଲ ମିଡ଼ିଆରେ ତାହା ଭିଡ଼ିଓ କୁ ଛାଡ଼ି ପାରିବା ।

**Report your activity during the WBW2014 to BPNI to become eligible for the World Breastfeeding Week Award and for wider dissemination of your work. You may upload it or sent it to or post it to *BPNI* *http://www.facebook.com/Babies-Need-Mom-Not-Man-Made/301758009914509/ bpni@bpni.org***

### ବି.ପି.ଏନ୍.ଆଇ କ'ଣ ?

ବି.ପି.ଏନ୍.ଆଇ ହେଉଛି ଏକ ପଞ୍ଜିକୃତ, ସ୍ୱତନ୍ତ୍ର, ଲାଭ କରୁନଥିବା ରାଷ୍ଟ୍ରୀୟ ସଂଗଠନ ଯାହା ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଓ ସମର୍ଥନ କରିବା ସହ ଶିଶୁ ତଥା ଛୋଟ ପିଲାମାନଙ୍କର ଉପଯୁକ୍ତ ଅନୁପୂରକ ଖାଦ୍ୟ ଏବଂ ପୁଷ୍ଟିସାଧନ ଦିଗରେ କାମକରେ । ବି.ପି.ଏନ୍.ଆଇ ସମାଜକୁ ପ୍ରସ୍ତୁତ କରିବାର ପକ୍ଷ ସମର୍ଥନ କରିବା ସହିତ ସୂଚନା ପ୍ରଦାନ, ଶିକ୍ଷାର ପ୍ରସାର, ରିସର୍ଚ୍ଚ, ଟ୍ରେନିଂ କରାଏ ଏବଂ IMS Act ଉଲଙ୍ଘନ କାରୀ କମ୍ପାନୀମାନଙ୍କ ଉପରେ ସତର୍କ ନଜର ରଖିଥାଏ । ବି.ପି.ଏନ୍.ଆଇ ହେଉଛି ଦକ୍ଷିଣ ଏସିଆ ପାଇଁ WABA ର ମୁଖ୍ୟ କେନ୍ଦ୍ର ଏବଂ IBFAN ଏସିଆ ପାଇଁ ଆଞ୍ଚଳିକ ଯୋଗାଯୋଗ କାର୍ଯ୍ୟାଳୟ ।

### ବି.ପି.ଏନ୍.ଆଇ ର ଆର୍ଥିକ ନୀତି

ନୀତିଗତ ଭାବେ ଶିଶୁକ୍ଷୀର ବିକଳ୍ପ, ଖାଇବା ବୋତଲ ଏବଂ ଶିଶୁଖାଦ୍ୟ ଉତ୍ପାଦନ କାରୀ କମ୍ପାନୀ ତଥା IMS Act କୁ ଉଲଙ୍ଘନ କରୁଥିବା କମ୍ପାନୀ ମାନଙ୍କଠାରୁ ବି.ପି.ଏନ୍.ଆଇ କୌଣସି ଅର୍ଥ ଗ୍ରହଣ କରେ ନାହିଁ ।

### କୃତଜ୍ଞତା ଜ୍ଞାପନ

ଏହି କାର୍ଯ୍ୟ ପୁସ୍ତିକା ସ୍ୱୀଡ଼ିସ୍ ଇଣ୍ଟରନେସନାଲ ଡ଼େଭିଲୋପମେଣ୍ଟ ଏଜେନ୍‌ସୀ (SIDA) ଏବଂ ନରୱେଜିଅାନ ଏଜେନ୍‌ସୀ ଫର ଡ଼େଭଲୋପମେଣ୍ଟ କୋଅପରେସନ (NORAD) ର ସହଯୋଗରେ ବି.ପି.ଏନ୍.ଆଇ (BPNI) ଏବଂ ଆଇ.ବି.ଏଫ.ଏ.ଏନ (IBFAN) Asia ଦ୍ୱାରା ତିଆରି କରାଯାଇଛି । ଏହି କାର୍ଯ୍ୟକୁ ଆରମ୍ଭ କରିଥିବା ହେତୁ ଆମେ ୱାର୍ଲଡ଼ ଆଲାୟନସ୍ ଫର ବ୍ରେଷ୍ଟ ଫିଡ଼ିଙ୍ଗ (WABA) କୁ ଧନ୍ୟବାଦ ଜ୍ଞାପନ କରୁଛୁ । ଡ଼ା. ଅରୁଣ ଗୁପ୍ତା, ଡ଼ା. ଜେ.ପି. ଦଧିଚି ଏବଂ ଡ଼ା. ନୀଲିମା ଠାକୁରଙ୍କର ପରାମର୍ଶ କ୍ରମେ ନୁପୂର ବିଡ଼ଲା ଏହି କାର୍ଯ୍ୟ ପୁସ୍ତିକା କୁ ପ୍ରସ୍ତୁତ କରିଛନ୍ତି । ଏହାର ପ୍ରଚ୍ଛଦପଟ ଏବଂ ଗ୍ରାଫିକ୍ ଡ଼ିଜାଇନ କରିଛନ୍ତି ଅମୀତ ଡ଼ାଲିୟା ଏବଂ ବୀଣା ଭଟ୍ଟ ।

bpni
putting child nutrition at the forefront of social change
IBFAN
defending breastfeeding
WABA

**Breastfeeding Promotion Network of India (BPNI)**
**Asia Regional Coordinating Office for IBFAN**
**South Asia Regional Focal Point for WABA**

*Address:* BP-33, Pitampura, Delhi 110 034. *Tel:* +91-11-27343608, 42683059. *Tel/Fax:* +91-11-27343606. *Email:* bpni@bpni.org. *Website:* www.bpni.org

**You local contact:**

**Ms. Sarat Kumari Acharya,**
**LB-97, Stage – IV, Laxmisagar, Bhubaneswar-6**
**Mob. -09437120874,**
**Email- saratakacharya@gmail.com**